# ଓଡିଶା ବିଧାନସଭା

## ଷୋଡଶ ବିଧାନସଭା

## ଷଷ୍ଠ ଅଧିବେଶନ

## ଶୁକ୍ରବାର , ଫେବୃୟାରୀ ୨୬ , ୨୦୨୧

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

**ପ୍ରଶ୍ନ ସଂଖ୍ୟା - ୩୦**

**( ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା,ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ,ଶକ୍ତି,କ୍ରୀଡା ଓ ଯୁବକଲ୍ୟାଣ,ଶିଳ୍ପ,ଇଲେକ୍ଟ୍ରୋନିକସ୍ ଓ ସୂଚନା ପ୍ରଯୁକ୍ତି,ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ )**

### ଓଡ଼ିଶା ବାଲି ନୀତି କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି

***୧୮୧ . ଶ୍ରୀ ମୋହନ ଚରଣ ମାଝୀ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ଓଡ଼ିଶା ବାଲି ନୀତି (Odisha Sand Policy) କାର୍ଯ୍ୟକାରୀ କରିବା ପାଇଁ କେବେ କାହାଦ୍ୱାରା ନିଷ୍ପତ୍ତି ହୋଇଥିଲା; ଅନ୍ୟାନ୍ୟ ରାଜ୍ୟରେ ବାଲି ନୀତି କାର୍ଯ୍ୟକ୍ଷମ ଥିବା ବେଳେ ଓଡ଼ିଶାରେ ବାଲି ନୀତି ନିଷ୍ପତ୍ତି କାର୍ଯ୍ୟକାରୀ କରିବାରେ କେଉଁ କାରଣରୁ ବିଳମ୍ବିତ ହେଉଛି ; ଚିଠା ପ୍ରସ୍ତୁତି ଏବଂ ତର୍ଜମା କେଉଁ ପର୍ଯ୍ୟାୟରେ ରହିଛି ଏବଂ କେବେ ସୁଦ୍ଧା ଏହା କାର୍ଯ୍ୟକାରୀ ହେବ; (ଖ) ରାଜ୍ୟରେ ସମ୍ପ୍ରତି ବାଲିର ବାର୍ଷିକ ଚାହିଦା କେତେ ରହିଛି; ୨୦୧୫-୧୬ରୁ ୨୦୨୦-୨୧ ବର୍ଷରେ କେତେ ପରିମାଣର ବାଲି ଉତ୍ତୋଳନ ହୋଇଛି; ରାଜ୍ୟରେ କେଉଁ ବର୍ଷ କେତେ ବିନିଯୋଗ ହୋଇଛି ଏବଂ ବାହାରକୁ ଓ ବିଦେଶକୁ କେତେ ରପ୍ତାନୀ ହୋଇଛି; କେଉଁ କେଉଁ ମହାନଗରରେ ସରକାରୀ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ବାଲିର Per Cubic/ ଟନ୍ ପିଛା କେତେ ମୂଲ୍ୟ ନିର୍ଦ୍ଧାରିତ ହୋଇ କେତେ

ମୂଲ୍ୟରେ ବିକ୍ରି ହେଉଛି; ସମ୍ପୃକ୍ତ ମୂଲ୍ୟ କେଉଁ କେଉଁ ବାବଦରେ କେତେ ନିର୍ଦ୍ଧାରିତ ହୋଇଛି ?

## ଆବେଦନକାରୀଙ୍କୁ ତାଲିକାଭୁକ୍ତ କରିବାପାଇଁ ପଦକ୍ଷେପ

***୧୮୨ . ଶ୍ରୀ ପ୍ରଫୁଲ୍ଲ ସାମଲ :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟର କେଉଁ କେଉଁ ଜାତି ପଛୁଆବର୍ଗ ତାଲିକାଭୁକ୍ତ, ଅନୁସୂଚିତ ଜନଜାତି ତାଲିକାଭୁକ୍ତ ଓ ଅନୁସୂଚୀତ ଜାତି ତାଲିକାଭୁକ୍ତ ହେବା ପାଇଁ ଆବେଦନ କରି ପ୍ରତୀକ୍ଷାରେ ଅଛନ୍ତି ଓ ସେମାନଙ୍କୁ ତାଲିକାଭୁକ୍ତ କରିବାପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି; ଦେହୁରୀ ଜାତି କେଉଁଝରରେ ଅନୁସୂଚିତ ଜନଜାତିରେ ଅନ୍ତର୍ଭୁକ୍ତ ହୋଇଥିଲାବେଳେ ଆନନ୍ଦପୁର ପଢ଼ିଆରୀପଲ୍ଲୀ ଅଞ୍ଚଳରେ ସାଧାରଣ ବର୍ଗ ଜାତିରେ ଅନ୍ତର୍ଭୁକ୍ତ ହୋଇଛନ୍ତି, ଏପରି ବ୍ୟତିକ୍ରମର କାରଣ କଣ ?

## ରାଜ୍ୟରେ ହେଉଥିବା ବଳକା ବିଦ୍ୟୁତ୍

***୧୮୩ . ଶ୍ରୀ ଅମର ପ୍ରସାଦ ଶତପଥୀ :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଶକ୍ତି ଉତ୍ପାଦନ କ୍ଷେତ୍ରରେ ଓଡିଶା ବର୍ତ୍ତମାନ ବଳକା ରାଜ୍ୟ ଭାବେ ପରିଣତ ହୋଇଅଛି କି, ରାଜ୍ୟର ଏହି ବଳକା ବିଦ୍ୟୁତକୁ ଅନ୍ୟ ନିଅଣ୍ଟିଆ ରାଜ୍ୟକୁ ଦେବା ପାଇଁ ସରକାରଙ୍କ ଚୁକ୍ତି ସ୍ୱାକ୍ଷରିତ ହୋଇଅଛି କି, ରାଜ୍ୟର ନିଜସ୍ୱ ବିଦ୍ୟୁତ ଚାହିଦା କେତେ ଏବଂ କେତେ ବିଦ୍ୟୁତ ଉତ୍ପାଦନ ବଳକା ହେଉଅଛି, ସରକାର ଏହାର ବ୍ୟବହାର ପାଇଁ କି କି ଯୋଜନା ପ୍ରସ୍ତୁତ କରିଅଛନ୍ତି ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ?

## ଘରୋଇ ଶିଳ୍ପ ସଂସ୍ଥା ସହଯୋଗରେ ଭିତ୍ତିଭୂମି ଉନ୍ନୟନ

***୧୮୪ . ଶ୍ରୀ ସୁଧୀର କୁମାର ସାମଲ :** କ୍ରୀଡା ଓ ଯୁବକଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଢେଙ୍କାନାଳ ଜିଲ୍ଲାରେ ଘରୋଇ ଶିଳ୍ପ ସଂସ୍ଥା ସହଯୋଗରେ କ୍ରୀଡା ଭିତ୍ତିଭୂମୀ ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ?

## ବେଦାନ୍ତରେ value addition ରେ ବ୍ୟବସ୍ଥା

***୧୮୫ . ଶ୍ରୀ ଭୂପିନ୍ଦର ସିଂହ :** ଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ଶିଳ୍ପ ବିଭାଗର Vision-2030 Focus on15% value addition in metal sector କେଉଁ କେଉଁ ଜିଲ୍ଲାରେ ଏହି କାର୍ଯ୍ୟ ଆରମ୍ଭ କରାଯାଇପାରିବ, ଲାଂଜିଗଡର ବେଦାନ୍ତ(VEDANTA) ରେ value addition ର ବ୍ୟବସ୍ଥା ରହିଅଛିକି, (ଖ) No industries ଜିଲ୍ଲାମାନଙ୍କରେ Vision-2030 ରେ କି କି ଯୋଜନା କରିବା ପାଇଁ document ତିଆରି କରାଯାଉଅଛି ଜଣାଇବେକି?

## I.T ସଂସ୍ଥା ପ୍ରତିଷ୍ଠା

***୧୮୬ . ଶ୍ରୀ ସୁରେଶ କୁମାର ରାଉତରାୟ :** ଇଲେକ୍ଟ୍ରୋନିକସ୍ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ କେତୋଟି I.T. ସଂସ୍ଥା କାର୍ଯ୍ୟକ୍ରମ ଅଛନ୍ତି 2010 ମସିହା ଠାରୁ 2020 ମସିହା ମଧ୍ୟରେ କେତୋଟି I.T. ସଂସ୍ଥା ରାଜ୍ୟ ରେ ପ୍ରତିଷ୍ଠା ହୋଇଛି ଏବଂ ସେଗୁଡିକର ନାମକଣ ବାଙ୍ଗାଲୋର ପୁନେ ପରି ଭୁବନେଶ୍ୱରକୁ I.T. ରୂପ କରିବାର ଯେଉଁ ଯୋଜନା ଥିଲା ତାହା କାର୍ଯ୍ୟକାରୀ ନ ହୋଇପାରିବାର କାରଣ କଣ ଆଗାମୀ ଦିନରେ କୌଣସି ସଂସ୍ଥା ନୂତନ ଭାବେ ଖୋଲିବାର ଯୋଜନା ଅଛି କି ସମସ୍ତ ବିଷୟରେ ବିବୃତି ରଖିବେ କି ?

## ଉଦ୍ୟୋଗୀ ମାନଙ୍କୁ ପ୍ରୋତ୍ସାହନ

***୧୮୭ . ଶ୍ରୀ ତାରା ପ୍ରସାଦ ବାହିନୀପତି :** ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) କୋରାପୁଟ ଜିଲ୍ଲାରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବୁଡି ବୁଡି ଗଲାଣି କି ସରକାର ଆଗ୍ରହୀ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ନଦେବାର କାରଣ କଣ, (ଖ) 2014 ପରଠାରୁ ଏହି ଜିଲ୍ଲାରେ କେତେ କ୍ଷୁଦ୍ରଶିଳ୍ପ ସ୍ଥାପନ କରାଯାଇଛି ସେଗୁଡିକ ପାଇଁ କେତେ ଅର୍ଥ ବିନିଯୋଗ ହୋଇଛି କେତେ ଲୋକ ନିଯୁକ୍ତି ପାଇଛନ୍ତି ତାହା ଦର୍ଶାଇବେ କି ଏଗୁଡିକ ଦ୍ୱାରା ଉତ୍ପାଦିତ ସାମଗ୍ରୀ କିପରି ବିକ୍ରୀବଟା ହେଉଛି ?

## ନୂତନ R.I Circle ପ୍ରତିଷ୍ଠା ପାଇଁ ପ୍ରସ୍ତାବ

***୧୮୮ . ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ

ଅନୁଗ୍ରହ କରି କହିବେ କି :- ଖୋର୍ଦ୍ଧା ଜିଲ୍ଲା ବାଣପୁର ତହସିଲ ଓ ଚିଲିକା ତହସିଲ ଅଞ୍ଚଳରେ ବର୍ତ୍ତମାନ କେତୋଟି R.I. Circle ରହିଛି, ବର୍ତ୍ତମାନର ବର୍ଦ୍ଧିତ ଜନସଂଖ୍ୟା ଓ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇଦେବା ପାଇଁ ଏଇ ଦୁଇଟି ତହସିଲରେ କେତୋଟି ନୂତନ R.I. Circle ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରହିଛି, ସରକାର କେବେ ତାହା କାର୍ଯ୍ୟକାରୀ କରିବେ ?

## ଛାତ୍ର ଛାତ୍ରୀ ନିବାସ ନିର୍ମାଣ

***୧୮୯ . ଶ୍ରୀ ରମେଶ ଚନ୍ଦ୍ର ବେହେରା :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ SC&ST ବର୍ଗର ଛାତ୍ର ଛାତ୍ରୀମାନଙ୍କୁ +2 and +3 ମହାବିଦ୍ୟାଳୟଗୁଡିକରେ ଆବାସିକ ଶିକ୍ଷା ଯୋଗାଇ ଦେବା ପାଇଁ ଛାତ୍ର ଛାତ୍ରୀ ନିର୍ମାଣ ପାଇଁ ବ୍ୟବସ୍ଥା ଅଛିକି, ଉତ୍ତର ହଁ ହେଲେ ଦଶପଲ୍ଲା ନିର୍ବାଚନମଣ୍ଡଳୀର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅବସ୍ଥିତ ଗଣିଆ ଡିଗ୍ରୀ ମହାବିଦ୍ୟାଳୟ ଓ ନୂଆଗାଁ ମହାବିଦ୍ୟାଳୟରେ ଗୋଟିଏ ଲେଖାଏଁ ଛାତ୍ର ଛାତ୍ରୀ ନିବାସ ନିର୍ମାଣ ପାଇଁ ନିଷ୍ପତ୍ତି ନେବେକି?

## କୋଭିଡ୍-୧୯ ଯୋଗୁଁ ବିଦ୍ୟୁତ୍ ଶକ୍ତି କ୍ଷତିଗ୍ରସ୍ତ

***୧୯୦ . ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କୋଭିଡ୍-୧୯ ଜନିତ ଅଚଳାବସ୍ଥା ଯୋଗୁଁ ରାଜ୍ୟର ବିଦ୍ୟୁତ୍ ଶକ୍ତିକ୍ଷେତ୍ର କେତେ ମାତ୍ରାରେ କ୍ଷତିଗ୍ରସ୍ତ; ଏହାର ସୁଧାର ଲାଗି ରାଜ୍ୟ ସରକାର କେନ୍ଦ୍ରକୁ ପ୍ରସ୍ତାବ ଦେଇଥିବା ବେଳେ କେନ୍ଦ୍ର ବଜେଟ୍ ରେ ସଂସ୍କାର ଭିତ୍ତିକ ବିଦ୍ୟୁତ୍ ଆବଣ୍ଟନ ବ୍ୟବସ୍ଥା ସକାଶେ ୩ଲକ୍ଷ କୋଟି ଟଙ୍କାର ୫ବର୍ଷିଆ ଯୋଜନା ଘୋଷଣା କରାଯାଇଛି; ସେଥିରୁ ରାଜ୍ୟ ତଥା ବିଦ୍ୟୁତ୍ ଆବଣ୍ଟନକାରୀ ସଂସ୍ଥା କେତେ ସହାୟତା ପାଇବେ ସରକାର ଆକଳନ କଲେଣି କି ?

## ବିଭିନ୍ନ ଜିଲ୍ଲାରେ Mini Stadium ର ତାଲିକା

***୧୯୧ . ଶ୍ରୀ ଅନନ୍ତ ଦାସ :** କ୍ରୀଡା ଓ ଯୁବକଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି

:- ଗ୍ରାମାଞ୍ଚଳରେ କ୍ରୀଡାର ପ୍ରସାର ପାଇଁ କେଉଁ ଜିଲ୍ଲାରେ କେତୋଟି Mini Stadium ନିର୍ମାଣ କରାଯାଇଛି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେକି, ଚଳିତ ବର୍ଷ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକରେ କେତେଟି Mini Stadium ନିର୍ମାଣ ହେବାର ଯୋଜନା ରଖାଯାଇଛି ଏବଂଏଥପାଇଁ ବିଧି ପ୍ରସ୍ତାବ ସରକାରଙ୍କ ହସ୍ତଗତ ହୋଇଛିକି?

## ମୟୂରଭଞ୍ଜ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଉପଲବ୍ଧ ବ୍ୟବସ୍ଥା

***୧୯୨ . ଶ୍ରୀ ନବ ଚରଣ ମାଝି :** ଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ମୟୂରଭଞ୍ଜ ଜିଲ୍ଲାରେ କି କି ପ୍ରକାରର ଶିଳ୍ପ ପ୍ରତିଷ୍ଠା ନିମନ୍ତେ କି କି ଭିତ୍ତିଭୂମି ଓ ଆନୁସଙ୍ଗିକ ବ୍ୟବସ୍ଥା ଉପଲବ୍ଧ ରହିଛି ତାର ଏକ ବିବରଣୀ ପ୍ରଦାନ କରିବା ସହ ସମ୍ପୃକ୍ତ ଭିତ୍ତି ଭୂମି ଓ ଆନୁସଙ୍ଗୀକ ବ୍ୟବସ୍ଥାକୁ ଉପଯୋଗ କରି ଶିଳ୍ପ ପ୍ରତିଷ୍ଠା ନିମନ୍ତେ ବିଗତ 5 ବର୍ଷରେ କି କି ପଦକ୍ଷେପ ଗ୍ରହଣ କରାଯାଇଛି, ଆଗାମୀ ଦିନରେ କି କି ପଦକ୍ଷେପ ଗ୍ରହଣ କରାଯାଇ କି କି ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଯୋଜନା କରାଯାଇଛି ତାହା କହିବେ କି, (ଖ) ମୟୂରଭଞ୍ଜ ଜିଲ୍ଲାର କେଉଁ କେଉଁ ନିର୍ବାଚନ ମଣ୍ଡଳୀରେ କି କି ଶିଳ୍ପ କେବେ ପ୍ରତିଷ୍ଠା ହୋଇଥିଲା, ସମ୍ପୃକ୍ତ କେଉଁ ଶିଳ୍ପ କାର୍ଯ୍ୟକ୍ଷମ ରହିଛି, କଣ ଉତ୍ପାଦନ କରୁଛନ୍ତି ଓ କେତେ ନିଯୁକ୍ତି ପାଇଛନ୍ତି ତାହା ଜଣାଇବେ କି ?

## ଗ୍ରାମ ପଞ୍ଚାୟତକୁ ବ୍ରଡବ୍ୟାଣ୍ଡ ସୁବିଧା

***୧୯୩ . ଶ୍ରୀ ଜୟନାରାୟଣ ମିଶ୍ର :** ଇଲେକ୍ଟ୍ରୋନିକସ୍ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ବର୍ତ୍ତମାନ ସୁଦ୍ଧା ରାଜ୍ୟର କେତୋଟି ରାଜସ୍ୱଗ୍ରାମ ଓ ଗ୍ରାମପଞ୍ଚାୟତକୁ କେନ୍ଦ୍ରସରକାର କମ୍ପ୍ୟୁଟର କିଣିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଥିବାରୁ ଏପର୍ଯ୍ୟନ୍ତ କେତୋଟି ପଞ୍ଚାୟତକୁ କମ୍ପ୍ୟୁଟର ଦିଆଯାଇ ନାହିଁ ତେବେ କଣପାଇଁ ଦିଆଯାଇ ନାହିଁ; ଏହାକୁ କିଏ ପରିଚାଳନା କରୁଛି; ଏଥିପାଇଁ ସ୍ୱତନ୍ତ୍ର ଭାବେ DEO ନିଯୁକ୍ତି ହୋଇଛନ୍ତି କି; ଜିଲ୍ଲାୱାରୀ ଏହାର ତାଲିକା ଦେବେ କି ?

## ବାଲେଶ୍ୱର ଜିଲ୍ଲାରେ ଥିବା ଉଦ୍ୟୋଗର ସଂଖ୍ୟା

***୧୯୪ . ଶ୍ରୀ ସୁଧାଂଶୁ ଶେଖର ପରିଡା :** ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ

ଅନୁଗ୍ରହ କରି କହିବେ କି :- ବାଲେଶ୍ୱର ଜିଲ୍ଲାରେ କେତେଗୋଟି ସୂକ୍ଷ୍ମ , କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସ୍ଥାପନ କରାଯାଇଛି ସେଥିମଧ୍ୟରୁ ବିଗତ 10 ବର୍ଷ ମଧ୍ୟରେ ( 2010 ରୁ 2020 ଅଗଷ୍ଟ ମାସ ଶେଷ ସୁଦ୍ଧା ) କେତେଗୋଟି ଉଦ୍ୟୋଗ ବନ୍ଦ ହୋଇଯାଇଛି; ଏହିସବୁ ବନ୍ଦ ହୋଇଥିବା ଉଦ୍ୟୋଗରେ କେତେଜଣ କର୍ମ ନିଯୁକ୍ତି ପାଇଥିଲେ, ବନ୍ଦ ହୋଇଯାଇଥିବା ଉଦ୍ୟୋଗ ଗୁଡ଼ିକୁ ପୁନର୍ବାର ଚାଲୁ କରିବାପାଇଁ ସରକାର ବିବେଚନା କରୁଛନ୍ତି କି ?

## ନୀଳଗିରୀରେ ଗୋଚର ଜମିର ସୁରକ୍ଷା

***୧୯୫ . ଶ୍ରୀ ସୁକାନ୍ତ କୁମାର ନାୟକ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ନୀଳଗିରୀ ତହସିଲ ଅନ୍ତର୍ଗତ କାଣ୍ଡରିଡିହି ରାଜସ୍ୱ ଗ୍ରାମରେ ଇଟାଭାଟି ଦ୍ୱାରା ଗୋଚର ଜମିରେ ରାସ୍ତା ହୋଇଥିବା ସତ୍ୟ କି ଏହି ବେଆଇନ କାର୍ଯ୍ୟଦ୍ୱାରା ଗୋରୁ ଗାଇଙ୍କ ବିଚରଣରେ ବାଧା ସୃଷ୍ଟି ହେବା ସତ୍ୟ କି ତୁରନ୍ତ ମାପ କରାଇ ଗୋଚର ଜମିକୁ ସୁରକ୍ଷିତ ରଖିବାପାଇଁ ବ୍ୟବସ୍ଥା କରିବେ କି ଏହି ଇଟାଭାଟିଦ୍ୱାରା ପରିବେଶ ପ୍ରଦୁଷିତ ଦେଇଥିବା ସତ୍ୟ କି ଏହାର ନିରାକରଣ ପାଇଁ ସରକାର ପଦକ୍ଷେପ ନେବେ କି ?

## ପ୍ରତିଯୋଗୀତା ପରୀକ୍ଷା ପ୍ରସ୍ତୁତି

***୧୯୬ . ଶ୍ରୀ ମକରନ୍ଦ ମୁଦୁଲି :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ Spl. Employment for SC/STରେ ନାମ Registration କରିଥିବା ଶିକ୍ଷିତ ବେକାର ଯୁବକ ଯୁବତୀମାନଙ୍କୁ UPSC, OPSC ଏବଂ ଅନ୍ୟାନ୍ୟ Competitiveରେ prepare ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି ତା'ର ଜିଲ୍ଲାୱାରୀ ସମସ୍ତ ବିସ୍ତୃତ ତାଲିକା ଦେବେ କି ?

## ବିଜୁଳି ବିଭାଗର T.D. Loss

***୧୯୭ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ଓଡିଶା ରାଜ୍ୟରେ 2020 ରୁ ଆଜିପର୍ଯ୍ୟନ୍ତ ପ୍ରତି ବର୍ଷ ବିଜୁଳି ବିଭାଗରେ ମୋଟ T.D.

Loss କେତେ ଏହାର ବର୍ଷୱାରୀ ଗୋଟିଏ ତାଲିକା ପ୍ରଦାନ କରିବେ କି, (ଖ) ଏହି T.D. Loss ଦ୍ୱାରା ପ୍ରତି ବର୍ଷ କେତେ ଟଙ୍କାର ରାଜସ୍ୱ ହାନି ହୁଏ ଓ ଏହାଦ୍ୱାରା O.E.R.C. କେତେ ପଇସା ବା ଟଙ୍କା ପ୍ରତି ୟୁନିଟ୍ ବଢେଇବା ପାଇଁ ପ୍ରସ୍ତାବ ଦିଅନ୍ତି ଓ କେବେ କେବେ ବିଜୁଳି ଦର ବୃଦ୍ଧି କରାଯାଇଛି ଏହାର ଗୋଟିଏ ତାଲିକା ଦେବେ କି ଏବଂ T.D. Loss ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି ?

## ବାର୍ଷିକ ରିପୋର୍ଟ ପ୍ରଦାନ

***୧୯୮ . ଶ୍ମୋହମ୍ମଦ ମୋକ୍ୟୁମ :** କ୍ରୀଡା ଓ ଯୁବକଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କ୍ରୀଡା ଓ ଯୁବ ବ୍ୟାପାର ବିଭାଗ, ବିଭାଗୀୟ ୱେବ୍ ସାଇଟ୍ ରେ ୨୦୧୬-୧୭ ଆର୍ଥିକ ବର୍ଷ ପରଠାରୁ ବାର୍ଷିକ ରିପୋର୍ଟ ପ୍ରଦାନ କରିନାହାନ୍ତି ଏହା ସର୍ବସାଧାରଣ ଅବଗତ ପାଇଁ କେତେ ମାସ ମଧ୍ୟରେ କରିବା ଯୋଜନା ଅଛି ?

## ଶିଳ୍ପ ପ୍ରତିଷ୍ଠା ନିମନ୍ତେ ପ୍ରସ୍ତାବ

***୧୯୯ . ଶ୍ରୀ ନାଉରୀ ନାୟକ :** ଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କୋଭିଡ୍ -19 ମହାମାରୀ ସମୟରେ ଓଡ଼ିଶାରେ କେତେ ସଂଖ୍ୟକ କମ୍ପାନୀ /ଉଦ୍ୟୋଗୀଙ୍କଠାରୁ କେତେ ପୁଞ୍ଜି ରାଜ୍ୟରେ ବିନିଯୋଗରେ କିଭଳି ଶିଳ୍ପ ପ୍ରତିଷ୍ଠା ନିମନ୍ତେ ପ୍ରସ୍ତାବ ମିଳିଥିଲା; ସେହି ପ୍ରସ୍ତାବ ମଧ୍ୟରୁ କେଉଁ କେଉଁ ସଂସ୍ଥା କେଉଁଠାରେ କି କି ଶିଳ୍ପ ସ୍ଥାପନ କରି କେତେ ପୁଞ୍ଜି କେଉଁ କେଉଁ କ୍ଷେତ୍ରରେ ବିନିଯୋଗ କରିବେ କେତେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ପ୍ରଦାନ କରିବେ ତାହା ପ୍ରକାଶ କରିବାସହ କେଉଁଶିଳ୍ପ କେବେ ଆରମ୍ଭ ହୋଇ କେବେ ସୁଦ୍ଧା କାର୍ଯ୍ୟକ୍ଷମ ହେବ ଏବଂ ତାର ସାମ୍ପ୍ରତିକ ସ୍ଥିତାବସ୍ଥା ସମ୍ପର୍କରେ ଜଣାଇବେ କି ?

## ସବୁତଥ୍ୟ e-despatch ଅପଲୋଡ଼୍

***୨୦୦ . ଶ୍ରୀ ଭବାନୀ ଶଙ୍କର ଭୋଇ :** ଇଲେକ୍ଟ୍ରୋନିକସ୍ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟ ସରକାର ସବୁ ସରକାରୀ ଅଫିସ ତଥ୍ୟ e-despatch Digital modeରେ କରିବାକୁ ଯାଉଥିବାବେଳେ ସବୁ ସରକାରୀ

ବିଭାଗରେ ତଥ୍ୟ ଗୁଡ଼ିକ e-despatch ଅପଲୋଡ଼ କରୁନାହାନ୍ତି ତାର କାରଣ କହିବେ କି; କେଉଁ କେଉଁ ବିଭାଗର କେଉଁ କେଉଁ ଚିଠି ସବୁ last time e-despatch ଛଡ଼ା ଯାଇଥିଲା ତାର ଏକ ବିସ୍ତୃତ ବିବରଣୀ ଦେବେ କି; ଖୋଦ୍ ସଚିବାଳୟରେ ସବୁ ବିଭାଗର ଶେଷ e-despatch (ଇ ଡ଼େସପାଚ୍) କେଉଁ ଚିଠି ଦେଇଥିଲେ ବିଭାଗ ୱାରୀ ବିବରଣୀ ଦେବା ସଙ୍ଗେ ସଙ୍ଗେ Line fail, network ପାଉନଥିବା ସ୍ଥାନରେ onlineରେ କୌଣସି କାମ ହୋଇପାରେ କି; Online Classରେ ଯାହା ପାଠ ପଢ଼ାହେଉଥିଲା କେତେ ଉପକୃତ ହେଉଥିଲେ ବିଶେଷ କରି ଗାଁ ଗହଳି ପିଲାମାନେ network ପାଇଁ ଗଛ ଚଢ଼ିଲେ ପାହାଡ଼ ଚଢିଲେ, ବିଲ ମଧ୍ୟକୁ ଗଲେ ଏସବୁ ଜିନିଷ କଲେ, ସରକାର ଜାଣୁଛନ୍ତି କି ନା କହିବେ କି; Onlineରେ ଠକେଇ ବଢ଼ିଚାଲିଥିବାରୁ online କୁ ଗୁରୁତ୍ୱର କାରଣ କଣ?

## କଲେଜ ଅଧିକୃତ ଜାଗାକୁ ରାଜ ସୁନାଖଳା କଲେଜନାମରେ ରେକର୍ଡ଼

***୨୦୧ . ଶ୍ରୀ ସତ୍ୟନାରାୟଣ ପ୍ରଧାନ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ନୟାଗଡ଼ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣପୁର କଲେଜ Ranpur NAC area ଅଧିନକୁ ଚାଲିଯିବା ପରେ ରାଜସୁନାଖଲା କଲେଜ ରଣପୁର ବ୍ଲକର 1st College ମାତ୍ର କଲେଜ ନାମରେ ଜମି ରେକର୍ଡ଼ ହୋଇନଥିବାରୁ କଲେଜଟି U.G.C. ଏବଂ ଅନ୍ୟାନ୍ୟ Grant ପାଇବାରୁ ବଞ୍ଚିତ ହେଉଅଛି; ବ୍ଲକର 1st college କୁ ମାଗଣାରେ ଜମି ଯୋଗାଇ ଦେବା ପାଇଁ ସରକାରୀ ନିୟମ ଥିବାରୁ କଲେଜ ଅଧିକୃତ ଜାଗାକୁ ରାଜସୁନାଖଲା କଲେଜ ନାମରେ ରେକର୍ଡ଼ କରିବା ପାଇଁ ନିର୍ଦ୍ଦେଶ ଦେବେ କି ?

## ଧର୍ମାନୁଷ୍ଠାନ ପାଇଁ ଅର୍ଥ ବିନିଯୋଗ

***୨୦୨ . ଶ୍ରୀ ଅଶ୍ୱିନୀ କୁମାର ପାତ୍ର :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର କେଉଁ ଧର୍ମର ଉପାସନା ପାଇଁ ଧର୍ମାନୁଷ୍ଠାନ କେତୋଟି ତାହା ଆକଳନ ହୋଇଛି କି ଏହା ସୁନ୍ଦର ଓ ସୁରକ୍ଷିତ ଭାବରେ

ରଖିବାପାଇଁ କେଉଁ ମାର୍ଗରେ ଅର୍ଥ ବିନିଯୋଗ ହେଉଛି ସରକାର ଏହାର ସଠିକ ତଥ୍ୟ ଉପସ୍ଥାପନ କରିବେ କି ?

## ଗ୍ରାମରେ ବିଦ୍ୟୁତଶକ୍ତି ସଂଯୋଗ

***୨୦୩ . ଶ୍ରୀ ନିତ୍ୟାନନ୍ଦ ଗଣ୍ଡ :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଉମରକୋଟ ନିର୍ବାଚନ ମଣ୍ଡଳୀର କେଉଁ ଗାଁ ଓ ପଡାମାନଙ୍କରେ ବିଦ୍ୟୁତ୍ ସଂଯୋଗ ଯାଇପାରିନାହିଁ, ସେମାନଙ୍କର ତାଲିକା ରହିଛି କି, ଯଦି ଅଛି ତେବେ ସେ ଗ୍ରାମମାନଙ୍କରେ ସରକାର କେବେସୁଧା ବିଦ୍ୟୁତ୍ ସଂଯୋଗ କରିବା ବ୍ୟବସ୍ଥା କରିବେ କି ?

## କ୍ରୀଡା ଭିତ୍ତିଭୂମି ଉନ୍ନତିକରଣ

***୨୦୪ . ଶ୍ରୀ ସଞ୍ଜିବ କୁମାର ମଲ୍ଲିକ :** କ୍ରୀଡା ଓ ଯୁବକଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଭଦ୍ରକ ଜିଲ୍ଲାରେ କ୍ରୀଡା ଭିତ୍ତିଭୂମି ଉନ୍ନତିକରଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

## ବାଲି ଓ ପଥର ଖଣି ଦ୍ୱାରା ରାଜସ୍ୱ ଆଦାୟ

***୨୦୫ . ଶ୍ରୀ ମନୋହର ରନଧାରୀ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ କେତୋଟି ଏବଂ କେଉଁ କେଉଁ ବାଲି ପଥର ଖଣି ଗୁଡିକୁ କେଉଁ ପ୍ରକ୍ରିୟାରେ Tender କରି କେତେ ରାଜସ୍ୱ କେଉଁ ଖଣିରୁ ଆଦାୟ କରି ବର୍ତ୍ତମାନ କାର୍ଯ୍ୟକାରୀ କରାଗଲାଣି ଏବଂ କେଉଁ କେଉଁ ଖଣିର ପ୍ରକ୍ରିୟା ସମ୍ପୂର୍ଣ୍ଣ କରାନଯାଇ ଚୋରାଚାଲାଣ କରାଯାଉଛି ତାହାର ସବିଶେଷ ବିବରଣୀ ଖଣିୱାରୀ ଜଣାଇବେ କି ?

## ଅନୁସୂଚିତ ଜନଜାତିମାନଙ୍କର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟାନୁଷ୍ଠାନ

***୨୦୬ . ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଅନୁସୂଚିତ ଜନଜାତି ଲୋକଙ୍କର ବିକାଶ ଲାଗି ସେମାନଙ୍କର ବିଭିନ୍ନ

କାର୍ଯ୍ୟକ୍ରମ ଲାଗି ବ୍ୟାଙ୍କମାନେ ରଣ ଯୋଗାଇବାର ବ୍ୟବସ୍ଥା ସରକାର କରିବେ କି, ଅନୁସୂଚିତ ଜନଜାତି ଲୋକମାନଙ୍କର ନିଜର ଝିଅ ବିବାହ କାର୍ଯ୍ୟକ୍ରମ ହେଉ ବା ଘର ତିଆରି କରିବା ପାଇଁ ନିଜ ଜମି ବନ୍ଧକ ରଖି ବ୍ୟାଙ୍କ ରଣ ବା ଅନ୍ୟାନ୍ୟ ସରକାରୀ ରଣ ପାଇପାରିବେ କି, ଆଦିବାସୀ ପିଲାମାନେ ପାଠ ପଢ଼ିବା ପାଇଁ Study Loan ମିଳିବ କି, ଯେଉଁ ଆଦିବାସୀ ଲୋକଙ୍କର ଅଧିକ ପରିମାଣରେ ଜମି ଅଛି ଅତି ଜରୁରୀ ସମୟରେ ଅଧିକ ଅର୍ଥରେ କିଣିବାକୁ ରାଜିଥିବା ସାଧାରଣ ବର୍ଗର ଲୋକଙ୍କୁ ବିକିପାରିବେ ନା କମ୍ ଅର୍ଥ ଦେଇଥିବା ନିଜ ସମ୍ପ୍ରଦାୟର ଲୋକ ବିକିବ କହିବେ କି ?

## ଅନୁଗୋଳ ଜିଲ୍ଲାରେ ବିଦ୍ୟୁତକରଣ

***୨୦୭ . ଶ୍ରୀ ରମେଶ ଚନ୍ଦ୍ର ସାଏ :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଅନୁଗୋଳ ଜିଲ୍ଲାର କେଉଁ ବ୍ଲକର କେତୋଟି ଗ୍ରାମକୁ ଅଦ୍ୟାବଧି ପୂର୍ଣ୍ଣାଙ୍ଗ ବିଦ୍ୟୁତକରଣ କରାଯାଇନାହିଁ ପ୍ରକାଶ କରି ସମସ୍ତ ଗ୍ରାମକୁ ବିଦ୍ୟୁତକରଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି?

## ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଅଥରିଟି ଗଠନ

***୨୦୮ . ଶ୍ରୀ ମୁକେଶ ମହାଲିଙ୍ଗ :** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଷ୍ଟ୍ରୀୟ ବିପର୍ଯ୍ୟୟ ପରିଚାଳନା ଅଧିନିୟମ - 2005 ଅନୁଯାୟୀ ଓଡ଼ିଶା ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଅଥରିଟି ଗଠିତ ହୋଇଛି କି ଯଦି ଉତ୍ତର ହଁ ହୁଏ ତାର Notification with Amened There of ବିବରଣୀ ଦେଇ, ଏହି ଅଧିନିୟମ ଲାଗୁ ହେଲା ପରେ ମଧ୍ୟ ରାଜ୍ୟ Calamity କମିଟିର ଆବଶ୍ୟକତା ରହିଛି କି ଯଦି ଏହା ସପକ୍ଷରେ ରାଜ୍ୟ ସରକାର ଅଛନ୍ତି ତେବେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଅଥରିଟି ଓ ରାଜ୍ୟ କମିଟିର କ୍ଷମତା ସହତ କାର୍ଯ୍ୟକାରୀତା ସମ୍ବନ୍ଧୀୟ ସବିଶେଷ ବିବରଣୀର ସ୍ପଷ୍ଟୀକରଣ ସହ ଉପସ୍ଥାପନ କରିବେ କି ?

## କଳାହାଣ୍ଡି ଜିଲ୍ଲାରେ ଖାଲିଥିବା ପଦବୀର ତାଲିକା

***୨୦୯ . ଶ୍ରୀ ମୌଷଧି ବାଗ୍ :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି

:- କଳାହାଣ୍ଡି ଜିଲ୍ଲାରେ ଥିବା ବିଭାଗୀୟ ବିଦ୍ୟାଳୟ ଓ ଆବାସିକ ବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ପ୍ରଧାନ ଶିକ୍ଷକ, କେଉଁ ବର୍ଗର ଶିକ୍ଷକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲିଅଛି ତାର ଶିକ୍ଷାନୁଷ୍ଠାନୱାରୀ ତାଲିକା ପରିଶିଷ୍ଟରେ ଦର୍ଶାଇ ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

## ବିଭିନ୍ନ ଉତ୍ସରୁ ଉତ୍ପାଦନ ହେଉଥିବା ବିଦ୍ୟୁତ ଶକ୍ତିର ପରିମାଣ

***୨୧୦ . ଶ୍ରୀ ସୌଭିକ୍ ବିଶ୍ୱାଳ :** ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ବାର୍ଷିକ କେତେ ବିଦ୍ୟୁତଶକ୍ତିର ଚାହିଦା ଥିବାବେଳେ କେଉଁ ଉତ୍ସରୁ କେତେ ବିଦ୍ୟୁତ ଶକ୍ତି ଉତ୍ପାଦନ ହେଉଛି ; ରାଜ୍ୟରେ ଶକ୍ତି ଉତ୍ପାଦନ ବୃଦ୍ଧି ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି?

**Designed By National Informatics Centre, Odisha.**